# ମୁଖବନ୍ଧ

ଏହି ପ୍ରତିବେଦନରେ ମାର୍ଚ୍ଚ 2019 ରେ ସମାପ୍ତ ବର୍ଷ ପାଇଁ ସରକାରୀ ଉଦ୍ୟୋଗ ଯଥା ଉଭୟ ଶକ୍ତିକ୍ଷେତ୍ର ଏବଂ ଅଣ-ଶକ୍ତିକ୍ଷେତ୍ରକୁ ନେଇ ଗଠିତ ଓଡ଼ିଶା ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡିକର ସମୀକ୍ଷା ଫଳାଫଳ ରହିଛି।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ 1971 ର ଧାରା 19କ (ସଂଶୋଧନ ସହିତ) ଅନୁଯାୟୀ 31 ମାର୍ଚ୍ଚ 2019 ରେ ଶେଷ ହୋଇଥିବା ବର୍ଷ ପାଇଁ ସରକାରୀ ଉଦ୍ୟୋଗ ଉପରେ ପ୍ରତିବେଦନ ରାଜ୍ୟ ବିଧାନସଭାରେ ଉପସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଅଛି।

କମ୍ପାନୀ ଅଧିନିୟମ, 2013 ର ଧାରା 139 ଏବଂ 143 ଅନୁଯାୟୀ ସରକାରୀ କମ୍ପାନୀଗୁଡିକର ହିସାବ ସମୀକ୍ଷା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ଵାରା କରାଯାଇଥାଏ। ବୈଧାନିକ ନିଗମଗୁଡିକର ସମୀକ୍ଷା ବ୍ୟବସ୍ଥା ସମ୍ପୃକ୍ତ ଅଧିନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଛି ଯାହା ମାଧମରେ ନିଗମଗୁଡିକ ପ୍ରତିଷ୍ଠିତ।

ଏହି ପ୍ରତିବେଦନରେ ଉଲ୍ଲେଖ କରାଯାଇଥିବା ଘଟଣାଗୁଡିକ 2018-19 ବର୍ଷର ନମୁନା ସମୀକ୍ଷାରେ ଦୃଷ୍ଟିଗୋଚର ହୋଇଥିବା ଘଟଣା ସହିତ ପୂର୍ବ ବର୍ଷଗୁଡିକରେ ଦୃଷ୍ଟିଗୋଚର ହୋଇଥିବା, କିନ୍ତୁ ପୂର୍ବ ସମୀକ୍ଷା ପ୍ରତିବେଦନ ଗୁଡିକରେ ଉଲ୍ଲେଖ କରାଯାଇ ପାରିନଥିବା ଘଟଣା ମଧ ଅନ୍ତର୍ଭୁକ୍ତ କରାଯାଇଅଛି। ଆବଶ୍ୟକ ସ୍ଥଳେ, 2018-19 ର ପରବର୍ତ୍ତୀ ବିଷୟଗୁଡିକୁ ମଧ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଅଛି। ଏହି ପ୍ରତିବେଦନଟି ଓଡ଼ିଶା ରାଜ୍ୟରେ ଥିବା 82 ଟି ସରକାରୀ ଉଦ୍ୟୋଗ (ପିଏସ୍ ୟୁ) ଯାହାକି 79 ଟି ସରକାରୀ କମ୍ପାନୀ ଏବଂ ତିନୋଟି ବୈଧାନିକ ନିଗମକୁ ନେଇ ଗଠିତ ତାହାର କାର୍ଯ୍ୟଦକ୍ଷତା ସହିତ ସମ୍ପୃକ୍ତ, ଯାହାର ସମୀକ୍ଷା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କୁ ଦିଆଯାଇଥିଲା। ଏହି ପ୍ରତିବେଦନରେ ସମସ୍ତ 82 ଟି ପିଏସ୍‌ୟୁର କାର୍ଯ୍ୟକାରିତା ଉପରେ ଏକ ପ୍ରାରମ୍ଭିକ ଅଧ୍ୟାୟ ଅନ୍ତର୍ଭୁକ୍ତ। ଏହାପରେ ପ୍ରତିବେଦନକୁ ଦୁଇ ଭାଗରେ ବିଭକ୍ତ କରାଯାଇଅଛି:

**ଭାଗ-I** ନଅଟି ଶକ୍ତି କ୍ଷେତ୍ରରେ ଥିବା ପିଏସ୍‌ୟୁର କାର୍ଯ୍ୟଦକ୍ଷତାର ବିଶ୍ଳେଷଣ ସହିତ ସମ୍ପୃକ୍ତ। ଶକ୍ତିକ୍ଷେତ୍ର 2018-19 ବର୍ଷର ମୋଟ୍ ବଜେଟ୍ ଖର୍ଚ୍ଚ (1,539.65 କୋଟି ଟଙ୍କା)ର 21.30 ପ୍ରତିଶତ (327.90 କୋଟି ଟଙ୍କା) ପାଇଥିଲା। ଶକ୍ତିକ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ଵାରା ଦିଆଯାଇଥିବା ଅଂଶଧନ ମୁଖ୍ୟତଃ ପୁଞ୍ଜି ନିବେଶ ଏବଂ ବିଭିନ୍ନ ପ୍ରକଳ୍ପର ନିର୍ମାଣ ପାଇଁ ଥିଲା। ଏହି ବର୍ଷ ଶକ୍ତିକ୍ଷେତ୍ର ପିଏସ୍‌ୟୁ ଗୁଡିକ ସମୁଦାୟ ସ୍ତରରେ 22.45 କୋଟି ଟଙ୍କା କ୍ଷତି ସହିଥିଲେ। ଏହି ଭାଗରେ ଦୁଇଟି ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଅନ୍ତର୍ଭୁକ୍ତ।

ପ୍ରତିବେଦନର **ଭାଗ-II** ଅଣ-ଶକ୍ତି କ୍ଷେତ୍ରରେ ଥିବା ତିନୋଟି ବୈଧାନିକ ନିଗମ ସହିତ 73 ଟି ସରକାରୀ ଉଦ୍ୟୋଗର କାର୍ଯ୍ୟ ସମ୍ପାଦନର ସବିଶେଷ ବିବରଣୀ ସହିତ ସଂଶ୍ଳିଷ୍ଟ। ଏହି ପିଏସ୍‌ୟୁଗୁଡିକ, ସମୁଦାୟ ସ୍ତରରେ 2018-19 ବର୍ଷରେ 849.86 କୋଟି ଟଙ୍କାର ଲାଭ କରିଥିଲେ। ଏହି ଭାଗରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ସହିତ ଜଡ଼ିତ ଏକ କାର୍ଯ୍ୟ ସମ୍ପାଦନ ସମୀକ୍ଷା ଏବଂ ଛଅଟି ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଅନ୍ତର୍ଭୁକ୍ତ।

ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ ଦ୍ଵାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ସମୀକ୍ଷା କରାଯାଇଅଛି।

ଅନୁଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ, ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ।